# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**31th May - 2024**

**News Editor : *Tapan Kumar Maharana***

***************************************

## ମୁଖ୍ୟ ସମ୍ବାଦ

- ଦେଶ ଓ ରାଜ୍ୟର ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ନିଆଯିବ ଭୋଟ ।

- ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ।

- ଶ୍ରୀକ୍ଷେତ୍ରରେ ଶ୍ରୀଜିଉମାନଙ୍କର ଆଜିଠାରୁ ଆରମ୍ଭ ହେଲା ଭିତର ଚନ୍ଦନଯାତ୍ରା ।

- ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟହାନୀ କାରକ ସମ୍ବନ୍ଧରେ ଲୋକଙ୍କୁ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଆଜି ପାଳିତ ହେଉଛି ବିଶ୍ୱ ତମାଖୁ ନିରୋଧ ଦିବସ ।

ଏବଂ

- ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି । ପଶ୍ଚିମ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାର ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ।

*Desk*

# ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶର ସପ୍ତମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆସନ୍ତାକାଲି ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ବିହାର, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଓ ଚଣ୍ଡୀଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ମୋଟ୍ ୯୦୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ଜୁନ୍ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ୍‌ଗଣତି କରାଯିବ।

*Desk, Cuttack, Puri, Jajpur/R*

# ରାଜ୍ୟ - ଅନ୍ତିମ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହି ଲୋକସଭା ଆସନ ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର। ଏହି ପର୍ଯ୍ୟାୟରେ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ୫୦ ଲକ୍ଷ ୮୮ ହଜାର ଛଅସ୍ତରୀ ଜଣ ପୁରୁଷ, ୪୮ ଲକ୍ଷ ୭୨ ହଜାର ୨୯୪ ଜଣ ମହିଳା ଓ ୬୮୭ ଜଣ ଅନ୍ୟାନ୍ୟ ବର୍ଗର ଭୋଟର

ଅଛନ୍ତି। ତେବେ ପ୍ରଥମଥର ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୫୭ ହଜାର ୩୪୫ ରହିଛି।

ଏହି ପର୍ଯ୍ୟାୟରେ ରାଜ୍ୟରେ ୧୦ ହଜାର ୮୮୨ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାତା ସେମାନଙ୍କର ମନପସନ୍ଦର ପ୍ରାର୍ଥୀ ବାଛିବେ। ଏଥିମଧ୍ୟରୁ ୧ ହଜାର ୪୦୦ରୁ ଅଧିକ ସଖୀ ଭୋଟ୍‌ଗ୍ରହଣ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ମତଦାନ ପ୍ରକ୍ରିୟାରେ ସୁରୁଖୁରୁରେ ଶେଷ କରିବା ଲାଗି ୭୨ ହଜାର ପୁଲିଂ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସୂଚନା ଅନୁଯାୟୀ, ଆସନ୍ତାକାଲି ହେବାକୁ ଥିବା ୬ଟି ଲୋକସଭା ଆସନ ପାଇଁ ୫୫ ଜଣ ପୁରୁଷ ଏବଂ ୧୧ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ୩୩୬ ଜଣ ପୁରୁଷ ଏବଂ ୫୮ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି, ଆସନ୍ତାକାଲିର ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବା ଲାଗି ୧୨ ଜଣ ସାଧାରଣ ପର୍ଯ୍ୟବେକ୍ଷକ, ୩ ଜଣ ପୁଲିସ ପର୍ଯ୍ୟବେକ୍ଷକ ଏବଂ ୧୮ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରଥମେ ୧୨୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳକୁ ଷ୍ଟ୍ରଙ୍ଗ୍ ରୁମ୍ ସମେତ ଭୋଟ୍‌ଗ୍ରହଣ କେନ୍ଦ୍ର ଗୁଡ଼ିକରେ ମୁତୟନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲାରେ ଅତିରିକ୍ତ ୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ମୁତୟନ କରାଯିବ।

କଟକ ଜିଲ୍ଲାରେ ଥିବା ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସାଲେପୁର, ମାହାଙ୍ଗା ଓ ନିଆଳି ପାଇଁ ଆସନ୍ତାକାଲି ଭୋଟ୍‌ଗ୍ରହଣ ହେବ । ସାଲେପୁରରେ ୨୫୩ଟି, ମାହାଙ୍ଗାରେ ୩୦୯ ଏବଂ ନିଆଳିରେ ୨୭୪ଟି ବୁଥ୍‌ରେ ମତଦାତାମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ତେବେ ମତଦାନ ପୂର୍ବରୁ ଆଜି ପୁଲିଂ ପାର୍ଟି ଇ.ଭି.ଏମ୍. ନେଇ ନିଜ ନିଜ ବୁଥ୍‌କୁ ଯିବା ଆରମ୍ଭ କରିଛନ୍ତି । କଟକ ନରାଜ ନିକଟରେ ଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପରିସରରୁ ପୁଲିଂ ପାର୍ଟି ବୁଥ୍ ଅଭିମୁଖେ ଯାଇଛନ୍ତି ।

ସେହିପରି ପୁରୀ ଜିଲ୍ଲାରେ ଆସନ୍ତାକାଲି କାକଟପୁର ଓ ନିମାପଡ଼ା ନିର୍ବାଚନ ମଣ୍ଡଳିରେ ମତଦାନ ଅନୁଷ୍ଠିତ ହେବ ।

ଯାଜପୁର ଜିଲ୍ଲାରେ ୧ ହଜାର ୬୩୭ଟି ମତଦାନ କେନ୍ଦ୍ରରେ ୧୫ ଲକ୍ଷ ୪୫ ହଜାର ୬୬୩ ଜଣ ମତଦାତା ଆସନ୍ତାକାଲି ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଆଜି ଅପରାହ୍ଣ ୩ଟା ସୁଦ୍ଧା ସମସ୍ତ ପୁଲିଂ ପାର୍ଟି ଆନୁଷଙ୍ଗିକ ସାମଗ୍ରୀ ସହ ନିର୍ଦ୍ଧାରିତ ବୁଥ୍‌କୁ ଯାଇଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

***Puri/R***

# ପୁରୀ - ବାଣ ବିସ୍ଫୋରଣ

ଶ୍ରୀକ୍ଷେତ୍ର ପୁରୀରେ ଗତ ବୁଧବାର ଦିନ ନରେନ୍ଦ୍ର ପୁଷ୍କରିଣୀ ଦେବୀଘାଟଠାରେ ଭଉଁରୀ ଯାତ୍ରାରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ

ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ପାଇଛି । ଏହି ଘଟଣାରେ ୩୦ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସାପାଇଁ ବିଭିନ୍ନ ହସ୍ପିଟାଲ୍‌କୁ ପଠାଯାଇଥିଲା । ଗତକାଲି ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଆହତମାନଙ୍କ ମଧ୍ୟରୁ ଆଉ ୩ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂତ୍ରରୁ ସୂଚନା ମିଳିଛି । ମୃତକଙ୍କ ସମ୍ପର୍କୀୟମାନଙ୍କୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦିଆଯିବ । ସେହିପରି ଏହି ଘଟଣାରେ ଅନ୍ୟ ୨୪ ଜଣ ଆହତ ଏବେ ମଧ୍ୟ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

***Desk***

## ଭିତର ଚନ୍ଦନଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କର ୨୧ ଦିନିଆ ଭିତର ଚନ୍ଦନଯାତ୍ରା ଆଜିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି । ଆସନ୍ତା ମାସ ୨ ତାରିଖ ରବିବାର ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ୬ ତାରିଖ ଗୁରୁବାର ସାବିତ୍ରୀ ଅମାବାସ୍ୟା, ୧୨ ତାରିଖ ବୁଧବାର ଶୀତଳଷଷ୍ଠୀ ଓ ୧୮ ତାରିଖ ମଙ୍ଗଳବାର ରୁକ୍ମଣୀ ହରଣ ଏକାଦଶୀ ତିଥିରେ ଶ୍ରୀମନ୍ଦିର ପରିସର ମଧ୍ୟରେ ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କର ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବ । ଭିତର ଚନ୍ଦନଯାତ୍ରା ଶେଷହେଲେ ଶ୍ରୀଜୀଉମାନଙ୍କର ୪୨ ଦିନିଆ ଚନ୍ଦନ ମହୋତ୍ସବର ସମାପନ ହେବ ।

ଅନ୍ୟପକ୍ଷରେ ହଳଦୀପାଣି ଉତ୍ସବ ସହ ଶ୍ରୀଜୀଉମାନଙ୍କର ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଶେଷ ହୋଇଛି । ପରମ୍ପରା ଅନୁସାରେ ଗତକାଲି କେବଳ ଦିନରେ ଚାପଖେଳ ଅନୁଷ୍ଠିତ ହୋଇଥିଲା ।

*Desk, Boudh/R*

# ବିଶ୍ୱ ତମାଖୁ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟହାନି କାରକ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଇବା ଉଦ୍ଦେଶ୍ୟ ନେଇ ଆଜି ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ତମାଖୁ ଶିଳ୍ପର ହସ୍ତକ୍ଷେପରୁ ପିଲାମାନଙ୍କୁ ସୁରକ୍ଷା ଦେବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ଦେଖାଦେଇଥାଏ । ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ତମାଖୁର ପ୍ରଭାବ ପଡ଼ିଥାଏ । ରାଜ୍ୟରେ ପ୍ରାୟ ପ୍ରତ୍ୟେକ ବର୍ଷ ୩୦ରୁ ୩୫ ହଜାର ଲୋକ ତମାଖୁ ସେବନ କରି କର୍କଟ ରୋଗର ଶୀକାର ହେଉଛନ୍ତି ।

ବୌଦ୍ଧ ଜିଲ୍ଲାରେ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ

ସମେତ ବହୁ ଡାକ୍ତର ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ତମାଖୁ ବର୍ଜନପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

***Rayagada/R***

# ବର୍ଜ୍ୟ ପରିଚାଳନା ସଚେତନତା

ରାୟଗଡ଼ା ଜିଲ୍ଲା ଥେରୁବାଲିଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ପ୍ରାଧିକରଣର ସମ୍ପାଦିକା ଶ୍ରୀମତୀ ପଣ୍ଡା' ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ କିପରି ଏହାର ପ୍ରକ୍ରିୟାକରଣ କରାଯାଇ କିପରି ଏହାର ପୁନଃ ବିନିଯୋଗ କରାଯାଇପାରିବ, ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ ।

***Jharsuguda/R***

# ଅଂଶୁଘାତଜନିତ ମୃତ୍ୟୁ

ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରଶାସନ ଅଂଶୁଘାତଜନିତ ମୃତ୍ୟୁ ବୋଲି ସ୍ପଷ୍ଟ କରୁ ନ ଥିବାବେଳେ ପୁଲିସ୍ ବିଭାଗ ଅପମୃତ୍ୟୁ ମାମଲା ରୁଜୁ କରିଛି । ହେଲେ

ମୃତ୍ୟୁର କାରଣ ଅନୁଧ୍ୟାନପାଇଁ ପ୍ରଶାସନ ପକ୍ଷରୁ ଜଣେ ମେଡିକାଲ୍ ଅଫିସର ଏବଂ ଜଣେ ରାଜସ୍ୱ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ସୁନ୍ଦରଗଡ଼ ମେଡିକାଲ୍ କଲେଜର ବରିଷ୍ଠ ଡାକ୍ତର ରାଉରକେଲା ସରକାରୀ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଝାରସୁଗୁଡ଼ା ଏସ୍.ପି କହିଛନ୍ତି ।

***Desk***

# ମୌସୁମୀ ବାୟୁ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ସମେତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପହଞ୍ଚିଥିବା ନେଇ ଭାରତୀୟ ପାଣିପାଗ କାର୍ଯ୍ୟାଳୟ ସୂଚନା ଦେଇଛି। ଚଳିତଥର ମୌସୁମୀ ବାୟୁ ଏକସଙ୍ଗରେ କେରଳ ଏବଂ ଉତ୍ତର-ପୂର୍ବ ରାଜ୍ୟ ଛୁଇଁଛି। କିଛିଦିନ ତଳେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ରେମାଲର ପ୍ରଭାବ ଯୋଗୁଁ ମୌସୁମୀ ଶୀଘ୍ର ଆସିଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ୨୦୧୭ରେ ଶେଷଥର ପାଇଁ ମୌସୁମୀ ବାୟୁ ଏକ ସଙ୍ଗେ କେରଳ ଓ ଉତ୍ତର-ପୂର୍ବ ରାଜ୍ୟକୁ ଛୁଇଁଥିଲା। କେରଳରେ ଏହାର ପ୍ରଭାବରେ ବର୍ଷା ଜାରି ରହିଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

ଚଳିତ ବର୍ଷ ମୌସୁମୀ ବାୟୁ ପ୍ରଭାବରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇସାରିଛି। ଦେଶରେ

୯୬ରୁ ୧୦୪ ପ୍ରତିଶତ ବର୍ଷା ହେବ। ଦେଶରେ କୃଷି କାର୍ଯ୍ୟ ବ୍ୟତୀତ ବିଦ୍ୟୁତ ଉତ୍ପାଦନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ମୌସୁମୀ ଜନିତ ବର୍ଷା ଉପରେ ମୁଖ୍ୟତଃ ନିର୍ଭର କରାଯାଏ।

***Desk***

# ପାଣିପାଗ

ରାଜ୍ୟରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କତା ମୂଳକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛନ୍ତି। ଉପକୂଳ ଅଞ୍ଚଳରେ ବାୟୁମଣ୍ଡଳରେ ଆର୍ଦ୍ରତାର ପରିମାଣ ୭୮ ପ୍ରତିଶତ ରହୁଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି।

ଆଜି ପଶ୍ଚିମ ଓଡ଼ିଶାର ୮ଟି ସହରର ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଛି । ଟିଟିଲାଗଡ଼ରେ ୪୬ ଦଶମିକ ୫, ବଲାଙ୍ଗିର ୪୬ ଦଶମିକ ୪, ସୁବର୍ଣ୍ଣପୁର ୪୬ ଦଶମିକ ୨, ବରଗଡ଼ ୪୬, ସମ୍ବଲପୁର ୪୫ ଦଶମିକ ୨ ଏବଂ ନୂଆପଡ଼ା, ଭବାନୀପାଟଣା ଓ ଝାରସୁଗୁଡ଼ାରେ ୪୫ ଡିଗ୍ରୀ ସେଲ୍‌ସିୟସ୍ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*****